# କୋଶଲି ଭାଷାକୁ ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ମିଳୁ




ଭୁବନେଶ୍ୱର, ୨୧।୨(ନି.ପ୍ର.): ବିଶ୍ୱ ମାତୃଭାଷା ଦିବସ ଉପଲକ୍ଷେ କୋସଲି ଏକତା ମଞ୍ଚ ପକ୍ଷରୁ କୋସଲି ଭାଷାକୁ ଦ୍ୱିତୀୟ ସରକାରୀ ଭାଷା ଭାବେ ମାନ୍ୟତା ଦେବା ପାଇଁ ଦାବି କରାଯାଇଛି । ବିଶ୍ୱ ମାତୃଭାଷା ଦିବସ ଉପଲକ୍ଷେ ସ୍ଥାନୀୟ ରେଡ଼କ୍ରସ ଭବନ ସମ୍ମିଳନୀ କକ୍ଷରେ ଏକତା ମଞ୍ଚର ଆନୁକୂଲ୍ୟରେ କୋସଲି ମାତୃଭାଷା ଦିବସ ପାଳିତ ହୋଇଛି । ଏଥିରେ କାନଡ଼ା ନିବାସୀ ପ୍ରଫେସର ଡ. ଅର୍ଜୁନ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭା ପଦ୍ମଶ୍ରୀ ଡ. ଚତୁର୍ଭୁଜ ମେହେର ଯୋଗ ଦେଇଥିଲେ । କୋସଲି ଏକତା ମଞ୍ଚ କେନ୍ଦ୍ର କମିଟିର ସଭ୍ୟ ଓ କୋସଲି କ୍ରାନ୍ତି ଦଳର ପ୍ରମୋଦ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । କୋସଲି ଏକତା ମଞ୍ଚର ସଭାପତି ଗୋରେଖ ନାଥ ସାହୁ ଅଧ୍ୟକ୍ଷତା କରିଥିଲେ । ଏକତା ମଞ୍ଚର କେନ୍ଦ୍ର କମିଟି ସଭ୍ୟ କ୍ରାନ୍ତି ଦଳର କାର୍ଯ୍ୟକାରୀ ସଭାପତି ବୈଦନାଥ ମିଶ୍ର ପ୍ରାଥମିକ ସୂଚନା ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ବକ୍ତାମାନେ ସମସ୍ୱରରେ ଦାବି କରିଥିଲେ କୋସଲି ଭାଷାକୁ କୋସଲିବାସୀଙ୍କର ମାତୃଭାଷା ଭାବେ ଗ୍ରହଣ କରି ଭାରତୀୟ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନିତ କରିବା ସଂଗେ ସଂଗେ ରାଜ୍ୟର ଦ୍ୱିତୀୟ ସରକାରୀ ଭାଷା ଭାବେ ମାନ୍ୟତା ଦିଆଯାଉ । କୋସଲି ଅଞ୍ଚଳର ମାନବ ସମ୍ବଳ, ପ୍ରାକୃତିକ ସମ୍ବଳ ତଥା ଭାଷା ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି ଲାଗି ଓଡ଼ିଶା ସରକାର କୌଣସି ଉଦ୍ୟମ କରୁନାହିଁ ବୋଲି ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ । ଏଥିପାଇଁ କୋସଲବାସୀଙ୍କ ଅସନ୍ତୋଷ ଦାନା ବାନ୍ଧୁଛି ଏବଂ ଏଥିପାଇଁ ସେମାନେ ସ୍ୱତନ୍ତ୍ର କୋଶଳ ପ୍ରଦେଶ ଦାବି ଉଠୁଛି ବୋଲି ବକ୍ତାମାନେ କହିଥିଲେ । ଏହି ଉପଲକ୍ଷେ ଲୋକକବି ହଳଧର ନାଗଙ୍କୁ କୋସଲ ରତ୍ନ ଉପାଧିରେ ବିଭୂଷିତ କରାଯାଇଥିଲା । କେତେକ ବିଦ୍ୟୁତ୍ ଗଣମାଧ୍ୟମ ସେମାନଙ୍କ ଚ୍ୟାନେଲରେ କୋସଲି ଭାଷାରେ ପରିବେଷଣ କରୁଥିବାରୁ କୋସଲି ଭାଷା ସାହିତ୍ୟରେ କୃତି ସକାଶେ ସାହିତ୍ୟିକ ଅଟଳ ବିହାରି ପଣ୍ଡା, ନାଟ୍ୟକାର ଡ. ପଞ୍ଚାନନ ମିଶ୍ର ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ କୋସଲି ଏକତା ମଞ୍ଚର ମୁଖପତ୍ର ଜୟ କୋସଲ ଉନ୍ମୋଚିତ ହୋଇଥିଲା ।

# ସାମ୍ବାଦିକଙ୍କ ସମସ୍ୟାର ସମାଧାନ ଲାଗି ଖୁବ ଶୀଘ୍ର ଉଚ୍ଚସ୍ତରୀୟ ବୈଠକ:ଅର୍ଥମନ୍ତ୍ରୀ

ଭୁବନେଶ୍ୱର,୨୨।୨(ନି.ପ୍ର): ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଲାଗି ଖୁବ ଶୀଘ୍ର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ ଏବଂ ଏହାର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଲାଗି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ ପ୍ରକାଶ କରିଛନ୍ତି ।ସାମ୍ବାଦିକ ଓ ସମ୍ବାଦ ସମାଜର ଅବିଚ୍ଛେଦ୍ୟ ଅଙ୍ଗ। ଦେଶ ଗଠନରେ ସେମାନଙ୍କ କାର୍ଯ୍ୟକୁ ଅସ୍ୱୀକାର କରିହେବ ନାହିଁ। କାରଣ ଆଜିର ସମାଜରେ ପରିବ[illegible]ନର ଧାରା ପାଇଁ ଗଣମାଧ୍ୟମ ହିଁ ଏକମାତ୍ର ଶକ୍ତିଶାଳୀ ଉପାୟ ଭାବରେ ପରିଗଣିତ ହୋଇଛି। ଦେଶରେ ଜନମତ ସୃଷ୍ଟି ପାଇଁ ସାମ୍ବାଦିକଙ୍କ ଭୂମିକା ବେଶ ରହିଛି ବୋଲି ରାଜ୍ୟ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ କହିଛନ୍ତି। ବୁଧବାର ସୂଚନାଭବନଠାରେ ଓଡିଶା ସାମ୍ବାଦିକ ୟୁନିୟନର ୪୧ ତମ ବାର୍ଷିକ ଅଧିବେଶନରେ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କଥା କହିଛନ୍ତି।ସାମ୍ବାଦିକ ମାନଙ୍କର ସମସ୍ୟାର ସମାଧାନ ଲାଗି ଖୁବଶୀଘ୍ର ଉଚ୍ଚ ସ୍ତରୀୟ ବୈଠକ ବସିବ ବୋଲି ସେ ସୂଚନା ଦେଇଛନ୍ତି। ଅଧିବେଶନରେ ଅନ୍ୟଅତିଥି ମାନଙ୍କ ମଧ୍ୟରେ ଶକ୍ତିମନ୍ତ୍ରୀ




ଅତନୁ ସବ୍ୟସାଚୀ, ଜାତୀୟ ସାମ୍ବାଦିକ ସଂଘର ସଭାପତି ପ୍ରଜ୍ଞାନନ୍ଦ ଚୌଧୁରୀ, ଯୁବ ବିଧାୟକ ବିଜୟ ମହାନ୍ତି, ରାଜ୍ୟସଭା ସଂସଦ ଶଶିଭୂଷଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ରାଜ୍ୟ ସାମ୍ବାଦିକ ୟୁନିୟନର ସଭାପତି ପ୍ରସନ୍ନ ମହାନ୍ତି ସମସ୍ତ ଅତିଥିମାନଙ୍କୁ ୧୧ଦଫାର ଦାବିପତ୍ର ପ୍ରଦାନ କରି ନିଜ ଅଭିବ୍ୟକ୍ତିରେ ରାଜ୍ୟର ୯୦ଭାଗ ସାମ୍ବାଦିକ ନିଜ ସାମ୍ବାଦିକତା ପାଇଁ ଅତି ସାଧାରଣ ଅର୍ଥ ମଧ୍ୟ ପାଉନାହାନ୍ତି ବୋଲି କହିଥିଲେ। ରାଜ୍ୟରେ ବର୍ତ୍ତମାନ ସାମ୍ବାଦିକମାନେ ମହିଳାଙ୍କଠାରୁ ମଧ୍ୟ ଅଧିକ ନିର୍ଯ୍ୟାତିତ ହେଉଛନ୍ତି ବୋଲି ସେ କହିଥିଲେ। ଅଧିବେଶନରେ ଓଡିଶା ସାମ୍ବାଦିକ ୟୁନିୟନର ସାଧାରଣ ସଂପାଦକ କୈଳାଶ ଚନ୍ଦ୍ର ନାୟକ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅଧିବେଶନରେ ସାମ୍ବାଦିକ ଜଗତ ପ୍ରସାଦ ଦାସ ଓଡିଶା ସାମ୍ବାଦିକ ୟୁନିୟନ ୨୦୧୨ ସମ୍ମାନ ଏବଂ ସାମ୍ବାଦିକ ଅନିଲ କୁମାର ନାୟକଙ୍କୁ ରବିନାରାୟଣ ସ୍ମାରକୀ ସମ୍ମାନ ସମ୍ମାନିତ କରାଯାଇଥିଲା। ଏମାନଙ୍କ ସହ ସାମ୍ବାଦିକ ମାନସ ରଞ୍ଜନ ପଣ୍ଡା ସାମ୍ବାଦିକ ପ୍ରଭାତ କୁମାର ପରିଡା ଏବଂ ସାମ୍ବାଦିକ ଦେବବ୍ରତ ସାନାଙ୍କୁ ଓଡିଶା ସାମ୍ବାଦିକ ୟୁନିୟନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ସଭାରେ ଅଧ୍ୟକ୍ଷତା କରିଥିଲେ ।